# Akashvani, Sambalpur

## SAMBALPURI NEWS EVENING BULLETIN

## 5 December 2025- 7.02 pm- 7.12 pm.

********************************************

୧- ରାଏଜେ ଗଲା ୯ ମାସ୍ ଭିତ୍‌ରେ ୨ ଲାଖ୍ କୋଟି ନୁ ଅଏତ୍‌କା ଟଙ୍କାର୍ ଶିଳ୍ପପ୍ରକଳ୍ପର୍ ଶିଲାନ୍ୟାସ୍ ହେଇଛେ- ବିଧାନ୍‌ସଭା ନ କହେଲେ ଶିଳ୍ପମନ୍ତ୍ରୀ ।

- ରାଜ୍ୟର୍ ୧୩ ଟା ବିଶ୍ୱବିଦ୍ୟାଲୟର୍ କୁଳପତି ବାଛ୍‌ବାର୍ ପ୍ରକ୍ରିୟା ଚାଲିଛେ କହେଲେ ଉଚ୍ଚଶିକ୍ଷା ମନ୍ତ୍ରୀ ।

୨- ସୁଧହାର ୫ ଦଶ୍‌ମିକ୍ ୨/୫ ପ୍ରତିଶତ୍‌କେ କମ୍ କଲା ଭାରତୀୟ ରିଜର୍ଭ ବେଙ୍କ୍ ।

୩- ଆଏବା ଫେବୃଆରୀ ୧୯ ନୁ ରାଏଜେ ମୁଲ୍ ହେବା ମେଟ୍ରିକ୍ ପରୀକ୍ଷା ।

୪- ସୁସ୍ଥ ସହର୍ ଲାଗି ସୁସ୍ଥ ମୃତିକା ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ମୃତିକା ଦିବସ୍ ।

ଆଉର୍

୫- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍‌ନାଥି ସମ୍ବଲ୍‌ପୁର୍‌ନୁ ରାମେଶ୍ୱରମ୍- ମଦୁରାଇକେ ଗଲେ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକ୍ ।

ବିଧାନ୍‌ସଭା- ଶିଳ୍ପ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟକେ ଶିଳ୍ପ ସମୃଦ୍ଧ କର୍‌ବାର୍ ସହେତେ ବ୍ୟାପକ୍ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟଥି ଜାନୁଆରୀ ୨୮ ଆଉ ୨୯ ତାରିଖ୍ ଦିନ ହେଇଥିବା ଉତ୍କର୍ଷ ଓଡ଼ିଶା ମେକ୍‌ଇନ୍ ଓଡ଼ିଶା ସମ୍ମିଲନୀଥି ୧୬ ଲାଖ୍ ୭୩ ହଜାର୍ କୋଟି ଟଙ୍କା ୫ ଶହ ୯୩ ଟା ପ୍ରକଳ୍ପ ପ୍ରସ୍ତାବ୍ ଆସିଥିଲା । ଗଲା ୯ ମାସ୍ ଭିତ୍‌ରେ ରାଜ୍ୟ ସର୍‌କାର୍ ୨ ଲାଖ୍ ୪ ହଜାର୍ କୋଟି ଟଙ୍କାର୍ ୮୫ ଟା ପ୍ରକଳ୍ପର୍ ନିହି ପକେଇଛନ୍ ବଲି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚରଣ୍ ସ୍ୱାଇଁ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ପ୍ରଶ୍ନକାଳ ସମିଆଥି ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍, ୨୦୨୪ ଏପ୍ରିଲ୍‌ନୁ ଗଲା ନଭେମ୍ବର୍ ମାସ୍ ଭିତ୍‌ରେ ରାଏଜେ ୩ ଶହ ୨୪ ଟା ବୃହତ୍ ଆଉ ମଧ୍ୟମ୍ ଶିଳ୍ପ ପ୍ରକଳ୍ପକେ ସର୍‌କାର୍ ଅନୁମୋଦନ୍ କରିଛନ୍ । ଇ ପ୍ରକଳ୍ପଥି ୭ ଲାଖ୍ ୬ ହଜାର୍ ୨ ଶହ ୯ କୋଟି ଟଙ୍କାର୍ ନିବେଶ୍ ହେବା । ଇତାର୍ ଜରିଏ ସାଢ଼େ ୪ ଲାଖ୍ ନୁ ଅଏତ୍‌କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ । ରାଏଜେ ବୟନ ଶିଳ୍ପର୍ ଥିତି ବାବ୍‌ଦେ ବିଧାୟକ୍ ଇରାସିସ୍ ଆଚାର୍ଯ୍ୟଙ୍କର୍ ଆଉ ଗୁଟେ ଉତର୍‌ଥି ମନ୍ତ୍ରୀ କହିଛନ୍, ୨୦୨୫ ମସିହାଥି ରାଜ୍ୟ ସର୍‌କାର୍‌ଙ୍କର୍ ତରଫ୍‌ରୁ ହେଇଥିବା ଓଡ଼ିଶା ଟେକ୍ସଟାଇଲ୍ ସମ୍ମିଳନୀଥି ୬ ଟା ଜିଲ୍ଲା ନ ଆଧୁନିକ୍ ବୟନ ଶିଳ୍ପ ପାର୍କ ଥାପ୍‌ନା କର୍‌ବାର୍‌କେ ଧାରିଜ୍ କରାଯାଇଛେ । ଇ ସମ୍ମିଲନୀଥି ବୟନ ଶିଳ୍ପ କ୍ଷେତ୍ରଥି ୭ ହଜାର୍ ୮ ଶହ ୮

କୋଟି ଟଙ୍କାର୍ ନିବେଶ୍ ଲାଗି ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇତାର୍ ଜରିଏ ୪୯ ହଜାର୍ ନିୟୁକ୍ତି କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଶିକ୍ଷମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା - କୁଲପତି ନିୟୁକ୍ତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ୧୩ ଟା ବିଶ୍ୱବିଦ୍ୟାଲୟର୍ କୁଲପତି ବାଛ୍‌ବାର୍ ପ୍ରକ୍ରିୟା ଚାଲିଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ବିଧାନ୍‌ସଭା ନ ଆଏଜ୍ କହିଛନ୍ । ମନ୍ତ୍ରୀ କହିଛନ୍, ରାଜ୍ୟର୍ ୧୪ ଟା ସର୍‌କାରୀ ବିଶ୍ୱବିଦ୍ୟାଲୟ ନ ସ୍ଥାୟୀ କୁଲପତି ପଦ୍‌ବୀ ଖାଲି ଅଛେ । କୁଲପତି ପଦ୍ ପୂରଣ୍ ଲାଗି ଓଡ଼ିଶା ବିଶ୍ୱବିଦ୍ୟାଲୟ ସଂଶୋଧନ୍ ଆଇନ୍ -୨୦୨୪- ଧାରା ୬ ଅନ୍‌ସାରେ ଇ ପଦ୍ ପୂରଣ୍ ଲାଗି ପ୍ରକ୍ରିୟା ଚାଲିଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା- ନିୟୁକ୍ତି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୨୦୨୯ ମସିହା ଉତ୍‌ରୁ ଓଡ଼ିଶାର୍ ଶ୍ରମିକମାନ୍‌କୁ ଆଉ ବାହାର୍‌କେ ଖଟି ଯିବାର୍‌କେ ନାଇଁ ପଡ଼େ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରଚନ୍ଦନ୍ କହିଛନ୍ । ବିଧାନ୍‌ସଭା ନ ଆଏଜ୍ ବିରୋଧୀ କଂଗ୍ରେସ୍ ସଦସ୍ୟଙ୍କର୍ ଗୁଟେ ମୁଲ୍‌ତବୀ ପ୍ରଶ୍ନର୍

ଉତର୍‌ଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ୨୦୨୫-୨୬ ମନରେଗା ଜରିଏ ୧୨ ଲାଖ୍ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ସେଥିର୍‌ଭିତ୍‌ରୁ ସର୍‌କାର୍ ୮ ଲାଖ୍ ୧୯ ହଜାର୍ ଶ୍ରମ ଦିବସ୍‌ର ବିନିଯୋଗ୍ କରିଛନ୍ । ସେନ୍ତା ରାଜ୍ୟ ସର୍‌କାର୍ ଗଲା ୧୮ ମାସ୍ ଭିତ୍‌ରେ ୩୭ ହଜାର୍‌ନୁ ଅଏତ୍‌କା ପଦ୍‌ବୀଥି ନିଯୁକ୍ତି ଦେଇଛନ୍ । ଆଉ ୬୫ ହଜାର୍ ନିଯୁକ୍ତି ଲାଗି ପ୍ରକ୍ରିୟା ଚାଲିଛେ । ବେସର୍‌କାରୀ କ୍ଷେତ୍ରଥି ଭିଲ୍ ୪୮ ହଜାର୍ ନିଯୁକ୍ତି ଦିଆଯାଇଛେ ଆଉ ଆଏବା ୫ ବଛର୍ ଭିତ୍‌ରେ ନିଯୁକ୍ତି କର୍‌ବାର୍ ଧାରିଜ୍ ଲକ୍ଷ୍ୟ ହାସଲ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ମନ୍ତ୍ରୀଙ୍କର୍ ଉତର୍ ଉତ୍‌ରୁ ବାଚସ୍ପତି ମୁଲ୍‌ତବୀ ପ୍ରସ୍ତାବ୍‌କେ ଅଗ୍ରାହ୍ୟ କରିଥିଲେ ।

ରେପୋରେଟ୍ କମ୍‌ଲା ଏନ୍‌ଏସ୍‌ଡି

ଦେଶର୍ ଆର୍ଥିକ୍ ଅଭିବୃଦ୍ଧିକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଭାରତୀୟ ରିଜର୍ଭ ବେଙ୍କ୍ - ଆର୍‌ବିଆଇ ତର୍‌ଫୁ ଆଏଜ୍ ସୁଧହାର କମ୍ କରାଯାଇଛେ । ଇ ଆର୍ଥିକ୍ ବଛ୍‌ରର୍ ୫ ନମ୍ବର୍ ୨ ମାସିଆ ମୁଦ୍ରାନୀତି ବୈଠକ୍‌ଥି ସୁଧହାରକେ ୨୫ ବେସିସ୍ ପଏଂଟ୍‌ନୁ କମ୍ କରାଯାଇକରି ୫ ଦଶ୍‌ମିକ୍ ୨/୫ ପ୍ରତିଶତ୍ ରଖାଯାଇଛେ ବଲି ଆର୍‌ବିଆଇ ଗଭର୍ଣ୍ଣର୍ ସଞ୍ଜୟ ମଲ୍‌ହୋତ୍ରା କହିଛନ୍ । ଇତାର୍‌ସହେତେ ରିଜର୍ଭ ବେଙ୍କ୍ ଇ

ଆର୍ଥିକ୍ ବଛର୍ ଲାଗି ଅଭିବୃଦ୍ଧି ଆକଲନ୍‌କେ ୭ ଦଶ୍‌ମିକ୍ ୩ ପ୍ରତିଶତ୍‌କେ ବଢ଼େଇଛେ । ଆଘର୍ ଆକଲନ୍‌ଥି ଇଟା ୬ ଦଶ୍‌ମିକ୍ ୮ ପ୍ରତିଶତ୍ ଥିଲା । ସୁଧହାର କମ୍ ହେବାର୍‌ନୁ ଦେଶର୍ ଭିନ୍ ଭିନ୍ ବିକାଶ୍‌ମୂଲକ୍ କାମ୍ ତୁର୍‌ତି ହେବାର୍ ସହେତେ ଘର୍ ଅଟୋ ଆଉ ବାଣିଜ୍ୟ ଋଣ ଶସ୍ତା ହେବା ବଲି ଆଶ୍ କରାଯାଉଛେ ।

ଲୋକ୍‌ସଭା-ସବୁଜ ଉଦ୍‌ଜାନ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍ ପାରାଦ୍ୱୀପ୍ ବନ୍ଦର୍ ସହେତେ ଦେଶର୍ ୩ ଟା ଜାଗା ନ ସବୁଜ ଉଦ୍‌ଜାନ୍ ଭଣ୍ଡାର୍ ଥାପ୍‌ନା ଲାଗି ଲକ୍ଷ୍ୟ ରଖିଛନ୍ ବଲି କେନ୍ଦ୍ର ବନ୍ଦର, ଜାହାଜ ଆଉ ଜଲମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନ୍‌ୱାଲ୍ କହିଛନ୍ । ଲୋକ୍‌ସଭା ନ ଆଏଜ୍ ସଦସ୍ୟ ବିଭୂପ୍ରସାଦ୍ ତରାଇ ଆଉ କେପ୍‌ଟେନ୍ ବ୍ରିଜେଟ ଚୌଟାଙ୍କର୍ ଇ ବାବଦ୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ସୋନୱାଲ୍ କହିଛନ୍, ଗୁଜୁରାଟ୍‌ର ଦୀନ୍‌ଦୟାଲ୍ ବନ୍ଦର୍ ଆଉ ତାମିଲ୍‌ନାଡୁର ଭି.ଓ. ଚିଦାମ୍ବରମ୍ ବନ୍ଦର୍ ନ ଭିଲ୍ ସବୁଜ ଉଦ୍‌ଜାନ୍ ଭଣ୍ଡାର୍ ଥାପ୍‌ନା କରାଯିବା । ଟିଁ' ଭଣ୍ଡାର୍‌ର ଉତ୍ପାଦନ୍ କ୍ଷମତା ୧ ଲାଖ୍ ଟନ୍ ରହେବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

କୋଣାର୍କ ଉତ୍ସବ୍ ପୁରୀ ସମ୍ବାଦଦାତା

ପୁରୀ ଜିଲ୍ଲାର୍ କୋଣାର୍କ ନ ଚାଲିଥିବା ୩୬ ନମ୍ବର୍ କୋଣାର୍କ ଉତ୍ସବ୍ ଆଉ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଆଏଜ୍ ଉଦ୍‌ଯାପିତ୍ ହେଉଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଆଏଜ୍ ଶେଷ୍ ଦିନ ଓଡ଼ିଶୀ, କଥକ୍ ନୃତ୍ୟ ପ୍ରଦର୍ଶନ୍ କରାଯିବା ।

ମେଟ୍ରିକ୍ ପରୀକ୍ଷା ହି.ସ.

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷା ଆଏବା ଫେବୃଆରୀ ୧୯ ତାରିଖ୍‌ନୁ ମୁଲ୍ ହେବା । ପରୀକ୍ଷା ମାର୍ଚ୍ଚ ୨ ତାରିଖ୍‌ତକ୍ ଚାଲ୍‌ବା । ସଖାଲର୍ ୯ ନୁ ୧୧ ବଜେତକ୍ ପରୀକ୍ଷା ହେବା । ଗଣିତ ପରୀକ୍ଷା ଦିନ ଛାତ୍ରଛାତ୍ରୀମାନ୍‌କୁ ୧୫ ମିନିଟ୍ ଅଏତ୍‌କା ସମିଆ ଦିଆଯିବା । ପହେଲାଦିନ ମାତୃଭାଷା, ୨୧ ତାରିଖ୍ ଇଂରାଜୀ, ୨୩ ତାରିଖ୍ ସଂସ୍କୃତ ଆଉ ହିନ୍ଦୀ, ୨୫ ତାରିଖ୍ ବିଜ୍ଞାନ୍, ୨୭ ତାରିଖ୍ ସାମାଜିକ ବିଜ୍ଞାନ ଆଉ ମାର୍ଚ୍ଚ ୨ ତାରିଖ୍ ଗଣିତ ପରୀକ୍ଷା ହେବା ବଲି ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱ ମୃତିକା ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ସୁସ୍ଥ ସହର୍ ଲାଗି ସୁସ୍ଥ ମୃତିକା ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ବିଶ୍ୱ ମୃତିକା ଦିବସ୍ । ପ୍ରକୃତି ଆଉ ପୃଥିବୀ ଉପ୍‌ରେ ମାଟିର୍ ଗୁରୁତ୍ୱ ଆଉ ତାର୍ ସୁରକ୍ଷା ଦିଗେ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ୨୦୧୩ ମସିହା ନୁ ଫି' ବଛର୍ ଡିସେମ୍ବର୍ ୫ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ମୃତିକା ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧମ୍‌କେ କହିଛନ୍, ମାଏଟ୍ ହେଉଛେ ଆମର୍ ଜୀବନ୍‌ର ମୁଲ୍‌ଦୂଆ ଆଉ ପୁର୍‌ଥି ନ ଜୀବନ୍ ସଂଚାର୍ ଆଉ ପ୍ରବାହ ଜାରି ରଖ୍‌ବାର୍ ଗୁଟେ ଅକ୍ଷୟ ଶକ୍ତି । ମୃତିକା ଦିବସ୍ ଅବ୍‌ସରେ ସଭେ ମିଲିମିଶିକରି ମାଟିର୍ ଗୁଣବତା, ସୁରକ୍ଷାର୍ ଲାଗି କାମ୍ କର୍‌ବାର୍ ସହେତେ ଭବିଷ୍ୟତ୍ ପିଢ଼ିର୍ ଲାଗି ଗୁଟେ ସୁସ୍ଥ ପରିବେଶ୍ ତିଆର୍ କର୍‌ବାର୍ ଲାଗି ସଂକଳ୍ପ ନେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ମୃତିକା ଦିବସ-ରାଜ୍ୟ     I&PR

ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ହେଇଥିବା ରାଜ୍ୟସ୍ତରୀୟ ବିଶ୍ୱ ମୃତିକା ଦିବସ୍ ସମାରୋହଥି ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଶ୍ରୀ ସିଂହଦେଓ

ଭବିଷ୍ୟତ୍ ପିଢ଼ି ଲାଗି ମୃତିକାର୍ ଉର୍ବରତା ରକ୍ଷା କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ଗୁଟେ ବୃତଚିତ୍ର ପ୍ରଦର୍ଶନ୍ କରାଯିବାର୍ ସହେତେ ମାନୁଆଲ୍ ଅନ୍ ଏଗ୍ରିକଲ୍‌ଚରାଲ୍ ପ୍ରଡକ୍ସନ୍ ଟେକ୍ନୋଲୋଜି- ରବି ୨୦୨୫-୨୬ ବହିର୍ ଉନ୍ମୋଚନ୍ କରାଯାଇଥିଲା । ଇତାର୍‌ସହେତେ ଚାଷୀମାନ୍‌କୁ ମୃତିକା ସ୍ୱାସ୍ଥ୍ୟକାର୍ଡ଼ ବଂଟାଯାଇଥିଲା ।

ବିଶ୍ୱ ମୃତିକା ଦିବସ-ଜିଲ୍ଲା      ବୌଦ୍ଧ/ସୁବର୍ଣ୍ଣପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା କୃଷି କାର୍ଯ୍ୟାଳୟ ତର୍‌ଫୁଁ ସହରର୍ ନିୟନ୍ତ୍ରିତ ବଜାର୍ କମିଟି ପରିସର୍ ନ ଆଏଜ୍ ବିଶ୍ୱ ମୃତିକା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ ମୃତିକା କ୍ଷୟ ଆଉ ତାର୍ ସଂରକ୍ଷଣ୍ ବାବ୍‌ଦେ ବୁଝେଇଥିଲେ ।

ବୌଦ୍ଧ ଜିଲ୍ଲା କୃଷି ଅଧିକାରୀଙ୍କର୍ ଅଧ୍ୟକ୍ଷତାଥି ବିଶ୍ୱ ମୃତିକା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ୍ ଦେଇଥିଲେ । ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାଏକ୍ ଆଉ କୃଷି ବିଶେଷଜ୍ଞମାନେ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମୃତିକା ସଂରକ୍ଷଣ୍ ବାବ୍‌ଦେ ବୁଝାବାର୍ ସହେତେ କେନ୍ଦ୍ର ସର୍‌କାର୍‌ଙ୍କର୍ ମୃତିକା ସ୍ୱାସ୍ଥ୍ୟକାର୍ଡ଼ ଚାଷୀମାନ୍‌କୁ ବଂଟାଯାଇଥିଲା ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା କୃଷି କାର୍ଯ୍ୟାଳୟ ତର୍ଫୁ ପଲିଟେକ୍ନିକ୍ ମହାବିଦ୍ୟାଳୟ ନ ମୃତିକା ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍ସରେ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନୁ ଆସିଥିବା ଚାଷୀମାନ୍କୁ ମୃତିକା ସ୍ୱାସ୍ଥ୍ୟକାର୍ଡ଼ ବଂଟାଯାଇଥିଲା । ଇତାର୍ସହେତେ ଚାଷୀମାନ୍କୁ ଜୈବିକ୍ ପ୍ରଣାଲୀଥି ଚାଷ୍ କର୍ବାର୍କେ ତହଁକାଯାଇଥିଲା ।

ଏଏନ୍ଏମ୍ ପରୀକ୍ଷା ସ୍ଥଗିତ୍ ଏକ୍ସ

ଏଏନ୍ଏମ୍ ୨ ନମ୍ବର୍ ବଛରର୍ ୫ ନମ୍ବର୍ ପେପର୍ର ଆଏଜ୍ ହେଉଥିବା ପରୀକ୍ଷାକେ ସ୍ଥଗିତ୍ ରଖାଯାଇଛେ । ପରୀକ୍ଷାର୍ କିଛି ସମିଆ ଆଘୋନୁ ପ୍ରଶ୍ନପତ୍ର ପ୍ରଘଟ ହେବାର୍ ଅଭିଯୋଗ୍ ହେବାର୍ନୁ ପରୀକ୍ଷା ସ୍ଥଗିତ୍ ଘୋଷ୍ନା କରାଯାଇଛେ । ଇ ବାବ୍ଦେ ଓ.ଏନ୍.ଏମ୍.ଇ.ଡି ତର୍ଫୁ ନିର୍ଦ୍ଦେଶ୍ନାମା ଜାରି କରାଯାଇଛେ ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍‌ନାଥି ଆଏଜ୍ ସମ୍ବଲ୍‌ପୁର୍ ସହେତେ ୭ ଟା ଜିଲ୍ଲା ର୍ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକ୍ ରାମେଶ୍ୱରମ୍- ମଦୁରାଇକେ ତୀର୍ଥଯାତ୍ରାଥି ଯାଇଛନ୍ । ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍‌ନୁ ଗୁଟେ ସ୍ୱତନ୍ତ୍ର ଟ୍ରେନ୍‌ଥି ସେମାନେ ଯାତ୍ରା କରିଛନ୍ । କ୍ଷେତରାଜ୍‌ପୁର୍ ରେଲ୍‌ଷ୍ଟେସନ୍ ନ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଉପସ୍ଥିତ୍ ରହିକରି ଟ୍ରେନ୍ ଯାତ୍ରାର୍ ଶୁଭାରମ୍ଭ କରିକରି ତୀର୍ଥଯାତ୍ରୀମାନ୍‌କୁ ଶୁଭେଛା ଜନେଇଥିଲେ ।

(ଭଏସ୍ ଓଭର୍- ଜୟନାରାୟଣ୍ ମିଶ୍ର)

ଇ ଅବ୍‌ସରେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର୍ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ । ୬ ଦିନିଆ ଯାତ୍ରାଥି ତୀର୍ଥଯାତ୍ରୀମାନେ ରାମେଶ୍ୱରମ୍ ମନ୍ଦିର୍ ଆର୍ ମଦୁରାଇର୍ ମୀନାକ୍ଷୀ ମନ୍ଦିର୍ ସହେତେ ଆଖର୍‌ପାଖର୍ ଭିନ୍ ଭିନ୍ ପର୍ଯ୍ୟଟନ୍ ସ୍ଥଳୀ ବୁଲ୍‌ବେ ।

ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର୍ ଶିବିର/ଦେବ୍‌ଗଡ଼୍ ସମ୍ବାଦଦାତା

ବେଙ୍କ୍ ମାନ୍‌କୁ ପଡ଼ିରହିଥିବା ଆଉ ଦାବି ନାଇଁ କରାଯାଉଥିବା ସମ୍ପତିକେ ସହଜ୍ ଆଉ ଜଲ୍‌ଦି ହକ୍‌ଦାର୍ ମାନ୍‌କୁ ଯୁଗେଇ ଦେବାର୍ ଲାଗି ଦେବ୍‌ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ

ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର୍ ଶୀର୍ଷକ୍ ସଚେତନତା ଶିବିର୍‌ଥି ଭିନ୍ ଭିନ୍ ବେଙ୍କ୍ ମାନ୍‌କର୍ ତର୍‌ଫୁ ଇ ବାବ୍‌ଦେ ସଚେତନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ୧୦ ଝନ୍ ଗ୍ରାହକଙ୍କୁ ୨୫ ଲାଖ୍ ୫୭ ହଜାର୍ ଟଙ୍କା ଦିଆଯାଇଥିଲା ।

ଆଦିବାସୀ -ଜନଶୁଣାଣି ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ଜିଲ୍ଲାର୍ ଆଦିବାସୀ ସମ୍ପ୍ରଦାୟର୍ ସ୍ୱତନ୍ତ୍ର ଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ଶିବିର୍‌ଥି ଯୋଗ୍ ଦେଇକରି ଆଦିବାସୀ ସମ୍ପ୍ରଦାୟର୍ ୨୯ ଟା ଅଭିଯୋଗ୍ ପତ୍ର ଗ୍ରହଣ୍ କରିଥିଲେ ।

ବଲାଙ୍ଗିର୍ ଧାନ୍ ଘିନା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ନ ଆଏଜ୍ ଖରିଫ୍ ଧାନ୍ ଘିନା ମୁଲ୍ ହେଇଛେ । ଜିଲ୍ଲାର୍ ଲୁଇସିଂହା ପେକ୍ସ ନ ହେଇଥିବା ମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ଗୌରବ୍ ଶିଓ୍ୱାଜୀ ଇସଲ୍‌ଓ୍ୱାର୍ ଯୋଗ୍ ଦେଇଥିଲେ । ଆଏଜ୍‌ଠାନୁ ଜିଲ୍ଲାର୍ ଶହେ ୮୦ ଟା ଜାଗା ନ ଧାନ୍ ଘିନା ମୁଲ୍ ହେଇଛେ ।